Std - III          23 . 8 . 21

## ଓଡ଼ିଆ ବ୍ୟାକରଣ          ବିଶେଷଣ

୭. କ୍ରିୟା ବିଶେଷଣ କାହାକୁ କହନ୍ତି ?

ଉ => ଯେଉଁ ବିଶେଷଣ, ବିଶେଷ୍ୟ ପଦ କ୍ରିୟାକୁ ବିଶେଷିତ କରେ, ତାହାକୁ କ୍ରିୟା ବିଶେଷଣ କହନ୍ତି ।

ଉଦାହରଣ - ୧ => ତୁମେ ଶୀଘ୍ର ଆସିବ ।

୨ => ଘୋଡ଼ା ଚାଲିଲା ଦୌଡ଼ିବାରେ ।

୮. ସଂଖ୍ୟାବାଚକ ବିଶେଷଣ କାହାକୁ କୁହାଯାଏ ?

ଉ => ଯେଉଁ ବିଶେଷଣ ବିଶେଷ୍ୟ ପଦର ସଂଖ୍ୟା ସୂଚାଇଦିଏ, ତାହାକୁ ସଂଖ୍ୟାବାଚକ ବିଶେଷଣ କୁହାଯାଏ ।

ଉଦାହରଣ - ୧ => ଓଡ଼ିଶାରେ ତିରିଶଟି ଜିଲ୍ଲା ଅଛି ।

୨ => ବାରଶହ କାରିଗର ମିଶି ବାର ବର୍ଷରେ ଏହି ମନ୍ଦିରଟି ଗଢ଼ିଲେ

୯. ଅବସ୍ଥାବାଚକ ବିଶେଷଣ କାହାକୁ କହନ୍ତି ?

ଉ => ଯେଉଁ ବିଶେଷଣ ପଦ ବିଶେଷ୍ୟ ପଦର ଅବସ୍ଥାକୁ ସୂଚାଇଦିଏ, ତାହାକୁ ଅବସ୍ଥାବାଚକ ବିଶେଷଣ କହନ୍ତି ।

ଉଦାହରଣ - ୧ => ଫୁଟିଲା ପାଣିରେ ହାତ ଦେବନି ।

୨ => ଆମ ଗାଁରେ ଧନୀ ଲୋକ ସହିତ ଗରିବ ଲୋକ ଓ ମଧ୍ୟବିତ୍ତ ଲୋକ ବସବାସ କରନ୍ତି ।

୧୦. ବିଧେୟ ବିଶେଷଣ କାହାକୁ କହନ୍ତି ?

ଉ => ଯେଉଁ ବିଶେଷଣ ପଦ ବିଶେଷ୍ୟ ପଦ ପରେ ବ୍ୟବହୃତ ହୁଏ, ତାହାକୁ ବିଧେୟ ବିଶେଷଣ କହନ୍ତି ।

ଉଦାହରଣ - ୧ => ଘରଟି ଉଚ୍ଚା ।

୨ => ଖାତାଟି ପତଳା ।

୩ => ଫୁଲଟି ସୁନ୍ଦର

11. ବିଶେଷଣର ବିଶେଷଣ କାହାକୁ କହନ୍ତି ?

ଉ => ଯେଉଁ ବିଶେଷଣ ପଦ ବାକ୍ୟରେ ଆଉ ଗୋଟିଏ
ବିଶେଷଣ ପଦକୁ ବିଶେଷିତ କରେ, ତାହାକୁ
ବିଶେଷଣର ବିଶେଷଣ କହନ୍ତି ।

ଉଦାହରଣ - 1 => ଆମେରିକା ଅତ୍ୟନ୍ତ ଧନୀ ଦେଶ ।
2 => ସେ ଭାରି ଭଲ ପିଲା ।

HW write in your copy.

23.4.21

Std-III
Poem Test
Dt - 26.4.21 to 3.5.21

# ଛୋଟ ମୋର ଗାଆଁଟି

ସଚ୍ଚିଦାନନ୍ଦ ରାଉତରାୟ

ଛୋଟ ମୋର ଗାଆଁଟି
ଭୂଗୋଳ ପୋଥି-ପତରେ ପଛେ ନଥାଉ ତା'ର ନାଆଁଟି ।
ମାଟିର ସେଇ ସରଗ ମୋର,
ସେଇଠି ଅଛି ମୋ ଷଠୀଘର ।
ଜଳିବ ପୁଣି ସେଇଠି ଶେଷେ
ମୋହରି ଚିତା ନିଆଁଟି ।
ଛୋଟ ମୋର ଗାଆଁଟି ।।୧।



ଜନମି ତା'ର ଏନ୍ତୁଡ଼ିଶାଳେ,
ବୁଲିଚି କେତେ ତା' ତୋଟାମାଳେ
ପାଞ୍ଚଟି ମୋର ପଞ୍ଜରା କାଠି
(ଶେଷେ) ସେଇଠି ହବ ଦାହାଟି ।
ଛୋଟ ମୋର ଗାଆଁଟି ।।୨।



ତାହାରି ଜଳ ରକତ ହୋଇ
ଶିରାରେ ବହେ ଯେସନ ନଈ
ନିଃଶ୍ୱାସେ ମୋ ତାହାରି ବାୟୁ
ଚଳାଏ ପ୍ରାଣ-ନାହାଟି ।
ଛୋଟ ମୋର ଗାଆଁଟି ।।୩।
ତାହାରି ଫୁଲ, ଶାଗୁଆ ଲତା